# NATIONAL NEWS BULLETIN (ODIA)
## 20 April - 2024
## Morning Bulletin : 7.15 A.M.

*********************************

## ମୁଖ୍ୟ ସମ୍ବାଦ

- ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ଗତକାଲି ହାରାହାରି ୬୦ ପ୍ରତିଶତ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି ।
- ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ଗତକାଲି ଶେଷ ହୋଇଛି ।
- ପଶ୍ଚିମବଙ୍ଗର ମୁଖ୍ୟନିର୍ବାଚନ ଅଧିକାରୀ କହିଛନ୍ତି, ଗତକାଲି ମତଦାନ ବେଳେ ସଂଗଠିତ ଗଣ୍ଡଗୋଳ ଘଟଣାରେ ଦୁଇ ଜଣ ଆହତ ହୋଇଛନ୍ତି ।
- ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ମହାରାଷ୍ଟ୍ର ଏବଂ ତେଲଙ୍ଗାନାର ୱାର୍ଦ୍ଧା ଠାରେ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇଥିଲେ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଗତକାଲି ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍' ଚେନ୍ନାଇ ସୁପରକିଙ୍ଗସ୍‌କୁ ୮ ୱିକେଟ୍‌ରେ ପରାସ୍ତ କରିଛି ।

– ଆଜି ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ସନ୍‌ରାଇଜର୍ସ ହାଇଦ୍ରାବଦ୍ ମଧ୍ୟରେ ମୁକାବିଲା ହେବ ।

## ପୋଲିଂ-ରାଉଣ୍ଡଅପ୍

ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ଭୋଟ ଗ୍ରହଣ ଗତ ସନ୍ଧ୍ୟାରେ ଶେଷ ହୋଇଛି । ଏହି ପର୍ଯ୍ୟାୟରେ ମୋଟ୍ ୧ହଜାର ୬୨୫ ଜଣ ପ୍ରାର୍ଥୀଙ୍କ ରାଜନୈତିକ ଭାଗ୍ୟ ଇ.ଭି.ଏମ୍.ରେ ସିଲ୍ ହୋଇଯାଇଛି । ପ୍ରାଥମିକ ଆକଳନ ଅନୁଯାୟୀ ହାରାହାରି ୬୦ ପ୍ରତିଶତ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି । କାଁ ଭାଁ ଘଟଣାକୁ ଛାଡ଼ି ଦେଲେ ମତଦାନ ମୋଟାମୋଟି ଶାନ୍ତିପୂର୍ଣ୍ଣ ରହିଥିଲା ।

୧୭ଟି ରାଜ୍ୟ ଓ ୪ଟି କେନ୍ଦ୍ର ଶାସିତ ଅଞ୍ଚଳର ୧୦୨ଟି ଲୋକସଭା ଆସନରେ ମତଦାନ ହୋଇଛି । ସେଥିମଧ୍ୟରେ ୧୧ଟି ତଫ୍‌ସିଲ୍ ଭୁକ୍ତ ଉପଜାତି ଏବଂ ୧୮ଟି ତଫ୍‌ସିଲ୍ ଭୁକ୍ତ ଜାତିଙ୍କ ପାଇଁ ସଂରକ୍ଷିତ ରହିଥିଲା । ଏହି ପର୍ଯ୍ୟାୟରେ ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ଆସାମ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ, ତାମିଲନାଡୁ, ଉତ୍ତରାଖଣ୍ଡ, ଅରୁଣାଚଳ ପ୍ରଦେଶ, ମଣିପୁର ଏବଂ ମେଘାଳୟର କେତେକ ଲୋକସଭା ଆସନ ପାଇଁ ମତଗ୍ରହଣ କରାଯାଇଥିଲା । ଅରୁଣାଚଳ ପ୍ରଦେଶ ଏବଂ ସିକିମ୍ ବିଧାନସଭା ପାଇଁ ମଧ୍ୟ ଗତକାଲି ମତଗ୍ରହଣ ହୋଇଛି ।

ପଶ୍ଚିମବଙ୍ଗର ତିନୋଟି ଲୋକସଭା ଆସନ ପାଇଁ ହୋଇଥିବା ନିର୍ବାଚନରେ ସବୁଠାରୁ ଅଧିକ ୭୭ ଦଶମିକ୍ ୫/୭ ପ୍ରତିଶତ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି । ସେହିଭଳି ଉତ୍ତରପ୍ରଦେଶର ୮ଟି ଲୋକସଭା ଆସନ ପାଇଁ ୫୭ ଦଶମିକ୍ ୬/୧ ପ୍ରତିଶତ, ବିହାରରେ ୪ଟି ଆସନ ପାଇଁ ୪୭ ଦଶମିକ୍ ୪/୯ ପ୍ରତିଶତ ରାଜସ୍ଥାନର ୮ଟି ଲୋକସଭା ଆସନ ପାଇଁ ୫୦ ଦଶମିକ୍ ୯/୫ ପ୍ରତିଶତ ମତଦାତା ଭୋଟ ଦେଇଥିଲେ ।

ଅନ୍ୟାନ୍ୟ ରାଜ୍ୟ ଗୁଡ଼ିକ ମଧ୍ୟରେ ମହାରାଷ୍ଟ୍ରରେ ୫୫ ଦଶମିକ୍ ୨/୫, ଆସାମରେ ୭୧ ଦଶମିକ୍ ୩/୮, ତାମିଲନାଡୁରେ ୬୨ ଦଶମିକ୍ ୧/୯, ଉତ୍ତରାଖଣ୍ଡରେ ୫୩ ଦଶମିକ୍ ୬/୪ ଏବଂ ଛତିଶଗଡ଼ରେ ୬୩ ଦଶମିକ୍ ୪/୧ ପ୍ରତିଶତ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରିଛନ୍ତି । ଏହି ନିର୍ବାଚନରେ ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ର ମନ୍ତ୍ରୀ ନୀତିନ ଗଡ଼କରୀ, ସର୍ବାନନ୍ଦ ସୋନଓ୍ୱାଲ୍, କିରଣ ରିଜିଜୁ, ଡକ୍ଟର ଜିତେନ୍ଦ୍ର ସିଂହ, ସଂଜୀବ ବଲିୟାଁ, ତାମିଲ ସାଇ ସୁନ୍ଦର ରାଜନ ଏବଂ ଜିତିନ ପ୍ରସାଦ ପ୍ରମୁଖ ପ୍ରାର୍ଥୀ ଥିଲେ ।

ସେହିଭଳି କଂଗ୍ରେସର ଗୌରବ ଗୋଗୋଇ, କାର୍ତ୍ତୀ ଚିଦାମ୍ବରମ୍, ନକୁଳ ନାଥ, ଡି.ଏମ୍.କେ. ନେତା ଦୟାନିଧୀ ରାମନ୍ ଏହି ପର୍ଯ୍ୟାୟରେ ନିଜର ରାଜନୈତିକ ଭାଗ୍ୟ ପରୀକ୍ଷା କରିଛନ୍ତି ।

ମୋଟାମୋଟି ଶାନ୍ତିପୂର୍ଣ୍ଣ ଭାବେ ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ଶେଷ ହୋଇଥିବାରୁ ନିର୍ବାଚନ କମିଶନ୍ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି । ଛତିଶଗଡ଼ର ବସ୍ତର ଅଞ୍ଚଳର ୫୬ଟି ଗ୍ରାମର ଗ୍ରାମବାସୀ ଏବଂ ଗ୍ରେଟ୍ ନିକୋବର ଦ୍ୱୀପର ସୋମପେନ୍ ଜନଜାତି ପ୍ରଥମଥର ପାଇଁ ନିର୍ବାଚନରେ ଭାଗ ନେଇଛନ୍ତି ।

## କର୍ଣ୍ଣାଟକ-ନୋମିନେସନ୍

ତୃତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲ ଗତକାଲି ଶେଷ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ କର୍ଣ୍ଣାଟକର ୧୪ଟି ଆସନ ପାଇଁ ୩୩୭ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି । ସେଠାକାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ଦେଇଥିବା ସୂଚନା ଅନୁଯାୟୀ ଏହି ପ୍ରାର୍ଥୀଙ୍କ ମଧ୍ୟରେ ୩୦୯ ଜଣ ପୁରୁଷ ଏବଂ ୨୮ ଜଣ ମହିଳା ପ୍ରାର୍ଥୀ ଅନ୍ତର୍ଭୁକ୍ତ । ଦାବନଗେରେ ଲୋକସଭା ଆସନ ପାଇଁ ସର୍ବାଧିକ ୪୦ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ବେଲାରୀ ସଂରକ୍ଷିତ ଆସନ ପାଇଁ ସର୍ବନିମ୍ନ ୧୧ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି । ଆସନ୍ତା ୨୨ ତାରିଖ ଦିନ ନାମାଙ୍କନପତ୍ର ପ୍ରତ୍ୟାହାରର ଶେଷ ଦିବସ । ମେ ୭ ତାରିଖ ଦିନ ଭୋଟ ଗ୍ରହଣ କରାଯିବ ।

ସେହିଭଳି ସୋରାପୁର ବିଧାନସଭା ଉପନିର୍ବାଚନ ପାଇଁ ଗତକାଲି ମଧ୍ୟ ପ୍ରାର୍ଥୀପତ୍ର ଦାଖଲର ଶେଷ ଦିବସ ଥିଲା । ୭ ଜଣ ପ୍ରାର୍ଥୀ ସେମାନଙ୍କର ନାମାଙ୍କନପତ୍ର ଦାଖଲ କରିଛନ୍ତି । ଏହି ନିର୍ବାଚନରେ କଂଗ୍ରେସ, ବିଜେପି ଏବଂ ସମାଜବାଦୀ ଜନତାପାର୍ଟି ସେମାନଙ୍କର ପ୍ରାର୍ଥୀ ଦେଇଥିବା ବେଳେ ୪ ଜଣ ସ୍ୱାଧୀନ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଛନ୍ତି ।

## ସିଇଓ-ପ୍ରେସ୍‌ମିଟ୍

ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ଗତକାଲି ପଶ୍ଚିମବଙ୍ଗର କୁଚ୍‌ବିହାର, ଜଲପାଇଗୁଡ଼ି ଏବଂ ଆଲିପୁରଦୁଆର ଲୋକସଭା ଆସନ ପାଇଁ ଭୋଟ ଗ୍ରହଣ କରାଯାଇଥିଲା । ସନ୍ଧ୍ୟାରେ ଗଣମାଧ୍ୟମକୁ ସୂଚନା ଦେଇ ପଶ୍ଚିମବଙ୍ଗର ମୁଖ୍ୟ ନିର୍ବାଚନ ଅଧିକାରୀ ଅଜିଜ୍ ଅଫ୍‌ତାବ୍ କହିଛନ୍ତି, ଦୁଇଟି ଗଣ୍ଡଗୋଳ ଘଟଣାରେ ଦୁଇ ଜଣ ଆହତ ହୋଇଛନ୍ତି । ରାଜପୁର ପୁଲିସ୍  ଷ୍ଟେସନ୍ ଅଞ୍ଚଳରେ ଘଟିଥିବା ଘଟଣାରେ ଲବ୍ ସରକାର ଏବଂ କୁଚ୍‌ବିହାର ଅଞ୍ଚଳର ଲାଲବାହାରଦୁର ଶାସ୍ତ୍ରୀ ସ୍କୁଲ୍ ପରିସରରେ ଘଟିଥିବା ଘଟଣାରେ ଅନନ୍ତ ବରମନ୍ ଆହତ ହୋଇଛନ୍ତି । ସ୍ଥାନୀୟ ଚିକିତ୍ସାଳୟରେ ସେମାନଙ୍କର ଚିକିତ୍ସା କରାଯାଉଛି । ସେ କହିଛନ୍ତି, ଏହି ଘଟଣାରେ ୧୨ଜଣଙ୍କୁ ଗିରଫ୍ କରାଯାଇଛି । ସି-ଭିଜିଲ୍ ଆପ୍ ମାଧ୍ୟମରେ ଆସିଥିବା

ଅଭିଯୋଗ ଗୁଡ଼ିକ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଇଛି । ସେ କହିଛନ୍ତି, ଏହି ଆପ୍ ମାଧ୍ୟମରେ କୁଚ୍‌ବିହାରରୁ ୨୯୬, ଆଲିପୁରଦୁଆରରୁ ୧୬୨ଟି ଏବଂ ଜଲପାଇଗୁଡ଼ିରୁ ୧୨୫ଟି ଅଭିଯୋଗ ମିଳିଛି ।

## ପିଏମ୍-ୱାର୍ଦ୍ଧା ର୍‍ୟାଲି

ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ମହାରାଷ୍ଟ୍ର ଏବଂ ତେଲଙ୍ଗାନାର ୱାର୍ଦ୍ଧା ଠାରେ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇଥିଲେ । ଏହି ଅବସରରେ ସେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଆଯାଇଥିବା ବିଭିନ୍ନ କଲ୍ୟାଣମୂଳକ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ । ୱାର୍ଦ୍ଧା ଲୋକସଭା ନିର୍ବାଚନ ମଣ୍ଡଳୀରେ ବିଜେପି ପ୍ରାର୍ଥୀ ରାମଦାସ ତଦାସଙ୍କ ସପକ୍ଷରେ ଭୋଟ ମାଗିଥିଲେ ।

ସେ କହିଛନ୍ତି, ବିଗତ ୧୦ ବର୍ଷ ମଧ୍ୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଆଯାଇଥିବା ପଦକ୍ଷେପ ଗୁଡ଼ିକୁ ୨୫ କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ଉପରକୁ ଉଠିଛନ୍ତି । ୪ କୋଟି ଗରିବ ପରିବାରକୁ ପ୍ରଧାନମନ୍ତ୍ରୀ ଆୱାସ ଯୋଜନା ଅଧୀନରେ ଘର ଯୋଗାଇ ଦିଆଯାଇଛି । ସେହିଭଳି ୧୧ କୋଟି ଲୋକଙ୍କର ସୁବିଧା ପାଇଁ ସେମାନଙ୍କ ଗାଁକୁ ବିଜୁଳି ଏବଂ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି ବୋଲି ସେ କହିଛନ୍ତି । ଏହି

ଅବସରରେ ଆଗାମୀ ଦିନ ଗୁଡ଼ିକରେ ନିଆଯିବାକୁ ଥିବା ପଦକ୍ଷେପ ଗୁଡ଼ିକ ଉପରେ ମଧ୍ୟ ସେ ଆଲୋକପାତ କରିଥିଲେ ।

ସମାଜରେ ମହିଳାଙ୍କର ଗୁରୁତ୍ୱକୁ ଅବତାରଣା କରିବା ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, କେବଳ ଓ୍ୱାର୍ଦ୍ଧା ଜିଲ୍ଲାରେ ଦେଢ଼ଲକ୍ଷରୁ ଊର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ନିଜର ଆର୍ଥିକ ପରିସ୍ଥିତିକୁ ସୁଧାରିପାରିଛନ୍ତି । ଓ୍ୱାର୍ଦ୍ଧା ଜିଲ୍ଲାର ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକ ପାଇଁ କେନ୍ଦ୍ର ସରକାର ପ୍ରଦାନ କରିଥିବା ଆର୍ଥିକ ସହାୟତା ସମ୍ପର୍କରେ ମଧ୍ୟ ସେ ସୂଚନା ଦେଇଥିଲେ ।

ଅନ୍ୟ ପକ୍ଷରେ ମହାବିକାଶ ଅଘାଡ଼ି, ନ୍ୟାସନାଲିଷ୍ଟ କଂଗ୍ରେସ ପାର୍ଟି ଶରଦଚନ୍ଦ୍ର ପାଓ୍ୱାର୍ ଦଳ ପକ୍ଷରୁ ଅମର କାଲେ ପ୍ରାର୍ଥୀ ହୋଇଛନ୍ତି । ଶ୍ରୀ କାଲେ ପ୍ରଥମଥର ପାଇଁ ଏହି ନିର୍ବାଚନ ରଣାଙ୍ଗନରେ ଅଛନ୍ତି । ସେହିଭଳି ଡକ୍ଟର ମୋହନ ରାଇକଓ୍ୱାର୍ ବହୁଜନ ସମାଜବାଦୀ ପାର୍ଟି ପକ୍ଷରୁ ଏହି ଆସନ ପାଇଁ ପ୍ରାର୍ଥୀ ହୋଇଛନ୍ତି । ଓ୍ୱାର୍ଦ୍ଧା ଲୋକସଭା ଆସନ ପାଇଁ ୨୪ ଜଣ ପ୍ରାର୍ଥୀ ନିର୍ବାଚନ ଲଢୁଛନ୍ତି । ଆସନ୍ତା ୨୬ ତାରିଖରେ ଓ୍ୱାର୍ଦ୍ଧାକୁ ମିଶାଇ ଅନ୍ୟ ୪ଟି ଲୋକସଭା ଆସନ ପଶ୍ଚିମ ବିଦର୍ଭ-ଅମରାବତୀ, ୟଭତମାଲ୍-ଓ୍ୱାସିମ୍, ବୁଲ୍‌ଦାନ ଏବଂ ଅକୋଲା ଆସନ ପାଇଁ ମତଦାନ ଅନୁଷ୍ଠିତ ହେବ ।

# ରେଲୱେ-ସମର

ଭାରତୀୟ ରେଳବାଇ ଗ୍ରୀଷ୍ମଋତୁରେ ରେଳଯାତ୍ରୀମାନଙ୍କୁ ସୁବିଧାରେ ଯାତ୍ରା କରିବାକୁ ଦେବା ପାଇଁ  ରେକର୍ଡ ସଂଖ୍ୟକ ୯ ହଜାର ୧୧୧ଟି ଟ୍ରେନ୍ ଚଳାଉଛି । ଗତବର୍ଷ ତୁଳନାରେ ଚଳିତବର୍ଷ ଅଧିକ ସଂଖ୍ୟକ ଟ୍ରେନ୍ ଚଳାଚଳ କରୁଛି । ଗତବର୍ଷ ୬ ହଜାର ୩୬୯ଟି ଟ୍ରେନ୍ ଚଳାଚଳ କରୁଥିଲା । ଏଥରକ ୨ ହଜାର ୭୪୨ଟି ଅଧିକ ଟ୍ରେନ୍ ଚଳାଚଳ କରିବା ସହ ଯାତ୍ରୀମାନଙ୍କ ସୁବିଧା ପାଇଁ ଭାରତୀୟ ରେଳବାଇର ପ୍ରତିଶ୍ରୁତିବଦ୍ଧତାର ଏହା ପ୍ରମାଣ ଦେଇଛି ।

ରେଳ ମନ୍ତ୍ରଣାଳୟ କହିଛି ଅତିରିକ୍ତ ଟ୍ରେନ୍ ଗୁଡ଼ିକ ଦେଶର ମୁଖ୍ୟ ସ୍ଥାନ ଗୁଡ଼ିକୁ ସଂଯୋଗ କରୁଛି । ଫଳରେ ବଡ଼ବଡ଼ ରେଳ ଷ୍ଟେସନରୁ ଯାତ୍ରୀମାନେ ନିର୍ବିଘ୍ନରେ ଯାତ୍ରା କରିପାରିବେ । ସମସ୍ତ ଜୋନାଲ୍ ରେଳବାଇ ଅତିରିକ୍ତ ଟ୍ରେନ୍ ଚଳାଚଳ ପାଇଁ ପଦକ୍ଷେପ ନେଇଛନ୍ତି । ତାମିଲନାଡୁ, ମହାରାଷ୍ଟ୍ର, ଗୁଜରାତ, ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଉତ୍ତରପ୍ରଦେଶ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ତେଲଙ୍ଗାନା,  ଝାଡ଼ଖଣ୍ଡ, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଦିଲ୍ଲୀରେ ଗ୍ରୀଷ୍ମଋତୁ ସମୟରେ ଯାତ୍ରୀମାନଙ୍କ ଭିଡ଼ କମ୍ କରିବାରେ ଏହି ଟ୍ରେନ୍ ଗୁଡ଼ିକ ସହାୟତା କରିବ ।

ଗ୍ରୀଷ୍ମଋତୁ ସମୟରେ ରେଳ ଷ୍ଟେସନ ଗୁଡ଼ିକରେ ପାନୀୟ ଜଳକୁ ନିଶ୍ଚିତ କରିବା ପାଇଁ ସମସ୍ତ ଜୋନାଲ୍ ରେଳବାଇକୁ କୁହାଯାଇଛି । ଯାତ୍ରୀ ଭିଡ଼ର ପରିଚାଳନା ପାଇଁ ବଡ଼ବଡ଼ ରେଳ ଷ୍ଟେସନରେ ପଦକ୍ଷେପ ଗ୍ରହଣ କରାଯାଇଛି । ସେହି ଷ୍ଟେସନ୍ ଗୁଡ଼ିକରେ ରେଳବାଇର ବରିଷ୍ଠ ଅଫିସରମାନେ ରହି ଯାତ୍ରୀଭିଡ଼ ନିୟନ୍ତ୍ରଣ କରିବା କାର୍ଯ୍ୟର ତଦାରଖ କରୁଛନ୍ତି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ର ଗତକାଲି ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍’ ଚେନ୍ନାଇ ସୁପରକିଙ୍ଗସ୍‌କୁ ୮ ୱିକେଟ୍‌ରେ ପରାସ୍ତ କରିଛି । ଲକ୍ଷ୍ନୌର ଏକନା ଆନ୍ତର୍ଜାତିକ କ୍ରିକେଟ୍ ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଟସ୍ ଜିତି ଲକ୍ଷ୍ନୌ ଚେନ୍ନାଇକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ ଚେନ୍ନାଇ ୬ ୱିକେଟ୍ ବିନିମୟରେ ୧୭୬ରନ୍ ସଂଗ୍ରହ କରିଥିଲା । ଦଳ ପକ୍ଷରୁ ରବିନ୍ଦ୍ର ଜାଡ଼େଜା ୫୭ରନ୍‌ର ପାଳି ଖେଳିଥିଲେ ।

୧୭୭ରନ୍‌ର ବିଜୟଲକ୍ଷ୍ୟକୁ ଲକ୍ଷ୍ନୌ ମାତ୍ର ୨ ୱିକେଟ୍ ବିନିମୟରେ ହାସଲ କରିପାରିଥିଲା । ଦଳର ଦୁଇ ଓପନର ବ୍ୟାଟସ୍‌ମ୍ୟାନ୍ କେ.ଏଲ୍.

ରାହୁଲ ଏବଂ କ୍ୱିଣ୍ଟନ୍ ଡିକକ୍‌ଙ୍କ ଭାଗିଦାରୀ ଦଳକୁ ଏକ ମଜବୁତ ସ୍ଥିତିରେ ପହଞ୍ଚାଇଥିଲା । ରାହୁଲ ସର୍ବାଧିକ ୮୨ରନ୍ କରି ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ । ଏହି ବିଜୟ ସହ ଲକ୍ଷ୍ନୌ ତାଲିକାର ପଞ୍ଚମ ସ୍ଥାନରେ ପହଞ୍ଚିଥିବାବେଳେ ଚେନ୍ନାଇ ତୃତୀୟ ସ୍ଥାନରେ ରହିଛି ।

ଆଜି ନୂଆଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ ସନ୍ଧ୍ୟା ସାଢ଼େ ୭ଟାରେ ଦିଲ୍ଲୀ କ୍ୟାପିଟାଲ୍ସ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ପରସ୍ପରକୁ ଭେଟିବେ ।